# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୂରଭଞ୍ଜ

## ନିଲାମ ଇସ୍ତାହାର

ନଂ ୨୩୪୧ ତା ୨୩/୦୪/୨୦୨୫ .

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2025-26 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସ ଗୁଡିକର ନିମ୍ନ କାର୍ଯ୍ୟ ସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧ୍ୟମରେ ନିଲାମ କରାଯିବ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦଖଲ କରି ଆବେଦନ ଫର୍ମ , ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣାସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ , ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ । ନିଲାମ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରୁ ପ୍ରଥମ ତାରିଖରେ ନିଲାମ ହୋଇ ନ ପାରିଲେ ଦ୍ୱିତୀୟ ତାରିଖରେ ନିଲାମ କରାଯିବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୂଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | Mango Orchard of Chhancha ( TMC NO-01/25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -4/1 କିସମ - ବଗାୟାତ ଦୁଇ ରକବା-ଏ 3.0 | Rs.30,000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 2 | Mango Orchard of Chhancha ( TMC NO-02 /25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -187, 170/1 କିସମ - ବଗାୟାତ ଦୁଇ ରକବା-ଏ 13.88 | Rs. 47,800/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 3 | Mango Orchard of Chhancha ( TMC NO-03 /25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -13 କିସମ - ବଗାୟାତ ଦୁଇ ରକବା-ଏ 5.00 | Rs.201,000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 4 | Mango Orchard of Chhancha ( TMC NO-04 /25-26) | ମୌଜା-ଛାଞ୍ଚ ଖାତା ନଂ 267 ପ୍ଲଟନଂ -54/1200, 54/1201, 54/1202, 44/1196,44/1197, 44/1198,44/1199, 52,51 କିସମ - ତାହି ଦୁଇ ଓ ଘରବାରି ଦୁଇ ରକବା- ଏ 3.65 | Rs. 12,200/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |

| | | | | | | |
|---|---|---|---|---|---|---|
| 5 | Mango Orchard of Laxmiposi ( TMC NO-05 /25-26) | ମୌଜା- ଲକ୍ଷ୍ମିପୋସି ଖାତା ନଂ 53 ପ୍ଲଟନଂ - 607,608,609,610,611,612,637,638,639,640,641,642 କିସମ ଡାଙ୍ଗି, ଜଙ୍ଗଲ, ଆମ୍ବ ରକବା- ଏ 16.92 | Rs. 69,000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 6 | Mango Orchard of Mohiniganj ( TMC NO-06 /25-26) | ମୌଜା- ମୋହିନିଗଞ୍ଜ ଖାତା ନଂ 314 ପ୍ଲଟନଂ -70 କିସମ ବଗାୟତ ଦୁଇ ରକବା- ଏ 5.90 | Rs. 45,000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 7 | Mango Orchard of Rajabasa ( TMC NO-07 /25-26) | ମୌଜା- ରାଜାବସା ଖାତା ନଂ 92 ପ୍ଲଟନଂ -256 କିସମ ବଗାୟତ ଦୁଇ ରକବା- ଏ 5.90 | Rs.26000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |
| 8 | Mango Orchard of Nayapurusottampur ( TMC NO-08 /25-26) | ମୌଜା- ନୟାପୁରୁଷୋତ୍ତମପୁର ଖାତା ନଂ 95 ପ୍ଲଟନଂ - 8,10,28,35/1,35/586/1 କିସମ ବଗାୟତ ଦୁଇ ,ଡାଙ୍ଗି ଦୁଇ ରକବା- ଏ 32.97 | Rs. 451,100/- | ତହସିଲ କାର୍ଯ୍ୟାଳୟ y ବାରିପଦା | ତା 06.05.2025/ ଦିବା 10 ରୁ 12 ମଧ୍ୟରେ | ତା07.05.2025 ଦିବା 10 ରୁ 12 ମଧ୍ୟରେ |

ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା ୨୧୫୩ / ତଉଜି, ତା ୨୧/୦୫/ରିଖ ୨୫

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା

ପରିପତ୍ର ସଂଖ୍ୟା ୨୧୫୫ ତଉଜି, ତା ୨୧ /୦୫ / ୨୫ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା , ରାଜସ୍ୱ ନିରୀକ୍ଷକ ବାରିପଦା-2, ବାରିପଦା-3 ଏବଂ ବୁଢ଼ୀଖମାରି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଢେଣ୍ଡୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ ଓ ସଦର ଥାନା / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରାଜାବସା, ବୁଢ଼ୀଖମାରି, ଲକ୍ଷ୍ମିପୋଷୀ ଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା